ପାଠ-୧୨

# ଆମ ଗାଁ

## STUDY NOTES

**୧. ଉଚ୍ଚାରଣ କରି ପଢ଼ ଓ ତା' ପାଖରେ ଲେଖ।**

| | | | |
|---|---|---|---|
| ସ୍ପଷ୍ଟ | ............ | ନିଷ୍ଫଳ | ............ |
| କାଳ୍ପନିକ | ............ | ପୁଷ୍ପ | ............ |
| ନିଷ୍ପକ୍ଷ | ............ | କାସ୍ପିଆନ | ............ |
| ଗଳ୍ପ | ............ | ଆସ୍ପର୍ଦ୍ଧା | ............ |
| କଳ୍ପତରୁ | ............ | ସ୍ପ୍ରିଙ୍ଗ୍ | ............ |
| ସ୍ଫୁଲିଙ୍ଗ | ............ | ସ୍ପର୍ଶେନ୍ଦ୍ରିୟ | ............ |
| ସ୍ପର୍ଦ୍ଧା | ............ | ସ୍ପର୍ଶକ | ............ |
| ପୁଷ୍ପାଞ୍ଜଳି | ............ | ସ୍ଫୂର୍ତ୍ତି | ............ |
| ଅଳ୍ପାୟୁ | ............ | ଆସ୍ଫାଳନ | ............ |

**୨. ପାଠଟିକୁ ପଢ଼ି ସେଥିରେ ଥିବା 'ଳ୍ପ, ସ୍ପ, ଷ୍ପ' ଲାଗିଥିବା ଶବ୍ଦଗୁଡ଼ିକୁ ବାଛି ଲେଖ।**

| | | | | | |
|---|---|---|---|---|---|
| ଳ୍ପ | ଅଳ୍ପଦୂର | ............ | ............ | ............ | ............ |
| ସ୍ପ | ପରସ୍ପର | ସ୍ପଷ୍ଟ | ବାଚସ୍ପତି ମହାରଣା | | ସ୍ପର୍ଶ |
| ଷ୍ପ | ପୁଷ୍ପପୁର | ନିଷ୍ପତ୍ତି | ............ | ............ | ............ |

୩. **ଗୋଲ ମଧ୍ୟରୁ ଅକ୍ଷର ନେଇ ଖାଲି ଜାଗାରେ ଲେଖ।**

ଷ୍ପ, ସ୍ପା, ଳ୍ପା
ଳ୍ପି, ସ୍ଫ, ସ୍ପ,
ଷ୍ଫ, ସ୍ଫା

ନି ଷ୍ପ କ୍ଷ ଗା ଳ୍ପି କ

ନି ଷ୍ଫ ଳ ଅ ଳ୍ପା ୟୁଷ

ପର ସ୍ପ ର ସ୍ଫ ଟିକ

୪. **'କ' ସ୍ତମ୍ଭରେ ଥିବା ଶବ୍ଦ ସହ 'ଖ' ସ୍ତମ୍ଭରୁ ଉପଯୁକ୍ତ ଶବ୍ଦ ବାଛି ଯୋଡ଼।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଇସ୍ପାତ | ବାଷ୍‌ପ |
| ଅଳ୍ପ | କଳ୍‌ପବଟ |
| ବାଷ୍ପ | ଆସ୍‌ଫାଳନ |
| ନିଷ୍ଫଳ | ଇସ୍‌ପାତ |
| କଳ୍ପବଟ | ନିଷ୍‌ଫଳ |
| ଆସ୍ଫାଳନ | ଅଳ୍‌ପ |
| ଆସ୍ପର୍ଦ୍ଧା | ଗଳ୍‌ପ |
| ଗଳ୍ପ | ନିଷ୍‌ପତ୍ତି |
| ନିଷ୍ପତ୍ତି | ଆସ୍‌ପର୍ଦ୍ଧା |

୫. **ବାକ୍ୟଗୁଡ଼ିକ ପଢ଼। ଦେଖି ଦେଖି ତା' ତଳେ ଲେଖ।**

କ) ପଶ୍ଚିମ ଦିଗରେ ଅଳ୍ପ ମେଘ ଉଠିଛି।

.............................................................................

ଖ) କେତେକ ବୃକ୍ଷ ପୁଷ୍ପବନ୍ତ କିନ୍ତୁ ନିଷ୍ଫଳ।

.............................................................................

ODM EDUCATIONAL GROUP Changing your Tomorrow

ଗ) ଜଳ ଗରମ ହେଲେ ବାଷ୍ପ ହୁଏ ।

..............................................................................................

ଘ) ବୃଥା ଆସ୍ଫାଳନ ଠିକ୍ ନୁହେଁ ।

..............................................................................................

ଙ) ସ୍ପୃହା ନଥିଲେ କୌଣସି କାମ ହୁଏ ନାହିଁ ।

..............................................................................................

**୬. ପାଠଟିକୁ ପଢ଼ି ଉତ୍ତର ଲେଖ ।**

କ) ଚାଷୀମାନେ କି କି ଚାଷ କରନ୍ତି ?

ଉ: ଚାଷୀମାନେ ଧାନ, ଗହମ, ମୁଗ, ବିରି, ଚିନାବାଦାମ ଓ ଫୁଲଚାଷ କରନ୍ତି ।

ଖ) ମାଟି କାରିଗର କେଉଁସବୁ ଜିନିଷ ମାଟିରେ ତିଆରି କରିଥା'ନ୍ତି ?

ଉ: ମାଟିକାରିଗର ମାଟିରେ ହାଣ୍ଡି, ମାଠିଆ ଓ ସରା ତିଆରି କରିଥା'ନ୍ତି ।

ଗ) କାଠ କାରିଗର କ'ଣ କ'ଣ ତିଆରି କରନ୍ତି ?

ଉ: କାଠ କାରିଗର ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି ।

ଘ) ଗୋପାଳକ କି କି ଜିନିଷ ବିକ୍ରି କରନ୍ତି ?

ଉ: ଗୋପାଳକ କ୍ଷୀର, ଦହି ଓ ଘିଅ ବିକ୍ରି କରନ୍ତି ।

ଙ) ବାଚସ୍ପତି ମହାରଣା କ'ଣ କରନ୍ତି ?

ଉ: ବାଚସ୍ପତି ମହାରଣା ପଥରରେ ସୁନ୍ଦର, ସୁନ୍ଦର ମୂର୍ତ୍ତି ତିଆରି କରନ୍ତି ।

ODM EDUCATIONAL GROUP Changing your Tomorrow

ଚ) ଆମ ଗାଁ'କର ଲୋକମାନେ କିପରି ଥାଆନ୍ତି ?

ଉ: ଆମ ଗାଁର ଲୋକମାନେ ଭିନ୍ନ ଭିନ୍ନ କାମ କରୁଥିଲେ ହେଁ ସେମାନଙ୍କ ମନ ଏକ। ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଥାଏ। କେହି କାହାକୁ ଛୋଟ ବୋଲି ଭାବନ୍ତି ନାହିଁ। ସମସ୍ତେ ଏକ ମନ ନେଇ ମିଳିମିଶି ଚଳନ୍ତି ଓ ଏକାଠି ମିଶି ନିଷ୍ପତ୍ତି ନିଅନ୍ତି। ଏହିପରି ଭାବରେ ଗାଁର ଲୋକମାନେ ସୁଖରେ ଦିନ ବିତାଇଥାଆନ୍ତି।

**୭. ତୁମ ଗାଆଁ / ଅଞ୍ଚଳରେ ଲୋକମାନେ କି କି କାମ କରନ୍ତି ଲେଖ।**

ଆମ ଗାଁ ଅଞ୍ଚଳର ଲୋକମାନେ କୃଷିକାମ, ଚାଷ କାମ, ଗୋପାଳନ, ହାଣ୍ଡି ମାଠିଆ ଗଢ଼ିବା କାମ, ଲୁହାରେ ଜିନିଷ ତିଆରି କରିବା କାମ, କାଠ କାମ, ଲୁଗାବୁଣା କାମ, ପଥରରେ ମୂର୍ତ୍ତି ଗଢ଼ିବା କାମ ଆଦି କରନ୍ତି।

**୮. ଧନ୍ଦାଗୁଡ଼ିକୁ ପଢ଼। ଖାଲି ଘରେ କାମର ନାମ ଲେଖ।**

କ) ଚକଟାମାଟି ଚକରେ ଥୋଇ
ହାଣ୍ଡିମାଠିଆ ଗଢ଼ି ଦିଅଇ।

**କୁମ୍ଭାର- ହାଣ୍ଡି, ମାଠିଆ ଗଢ଼ିବା କାମ**

ଖ) ନୂଆକନା କାଟୁଛି ଚିରାଫଟା ଯୋଡୁଛି
ନୂଆନୂଆ ପୋଷାକ ଯେତେ, ଆମ ପାଇଁ କରୁଛି।

**ଦରଜି- ପୋଷାକ ତିଆରି କରିବା କାମ**

ଗ) ବୁଲାଇ ତନ୍ତ କରି ମିହନ୍ତ
କପଡ଼ା ଥାନ ବୁଣେ
ଅଳ୍ପ ମୂଲ୍ୟରେ ଯୋଗାଇ ଦେଇ
ସଭିଙ୍କ ମନ କିଣେ

**ବୁଣାକାର / ତନ୍ତୀ- ଲୁଗାବୁଣା କାମ**

ODM EDUCATIONAL GROUP Changing your Tomorrow

୯. କୋଠରୀ ଭିତରେ ଯେକୌଣସି ଦିଗର ପାଖାପାଖି ଅକ୍ଷରଗୁଡ଼ିକ ଯୋଡ଼ିଲେ ଗୋଟିଏ କାମର ନାମ ପାଇବ। କାମଗୁଡ଼ିକ ଖୋଜି ପାଖ ବାକ୍ସରେ ଲେଖ।

| | | | | | | |
|---|---|---|---|---|---|---|
| ମ | | ସୁ | ନା | କା | ମ | ଣା |
| | କା | | | ମ | ବୁ | |
| ଗୋ | | ହା | କା | ଗା | | ଟା |
| ପା | | ଠ | ଲୁ | | | କ |
| ଳ | କା | | | ଗା | | ଳ |
| ନ | ବ୍ୟ | ବ | ସା | ୟ | ସ | ବା |
| | ରା | ଜ | ମି | ସ୍ତ୍ରୀ | | ଫା |

ଲୁହାକାମ | ସୁନାକାମ
କାଠକାମ | ଲୁଗାବୁଣା
ବାଳକଟା | ଲୁଗାସଫା
ବ୍ୟବସାୟ | ରାଜମିସ୍ତ୍ରୀ
ଗୋପାଳନ

୧୦. ଚିତ୍ର ସହ ଡାହାଣ ପଟର ଯେଉଁ କାମ ସହ ସମ୍ପର୍କ ଅଛି, ତାକୁ ଗାରଟାଣି ଯୋଡ଼।



ଚାଷକାମ
କାଠକାମ
ଘରତିଆରି କାମ
ରୋଗୀସେବା
ପାଠପଢ଼ା

ODM EDUCATIONAL GROUP Changing your Tomorrow

୧୧. ତୁମ ଘରେ କେହି କାମ ନ କଲେ କ'ଣ ଅସୁବିଧା ହେବ ?

ଆମ ଘରେ କେହି କାମ ନ କଲେ ବିଭିନ୍ନ ପ୍ରକାର ଅସୁବିଧା ଦେଖିବାକୁ ମିଳିବ। ଘର ଅସନା ଅସଜଡ଼ା ହୋଇ ରହିବ। ଆମେମାନେ ଖାଇବାକୁ ପାଇବା ନାହିଁ। ଅଭାବରେ ଆମକୁ ରହିବାକୁ ପଡ଼ିବ। କହିବାକୁ ଗଲେ ଘରର ଅବସ୍ଥା ଶୋଚନୀୟ ହୋଇପଡ଼ିବ।

୧୨. ଚିତ୍ରଦେଖି ଏମାନେ କେଉଁ କେଉଁ କାମ କରୁଛନ୍ତି ଲେଖ।



**କୁମ୍ଭାର:** ହାଣ୍ଡି ମାଠିଆ ଗଢୁଛି।



**ଦରଜି:** ପୋଷାକ ତିଆରି କରୁଛି।



**ଦୋକାନୀ:** ଫଳ ବେପାର କରୁଛି।



**ବ୍ରାହ୍ମଣ/ ପୂଜାରୀ:** ଠାକୁରଙ୍କୁ ଆରତୀ କରୁଛନ୍ତି।



**ନର୍ସ:** ରୋଗୀମାନଙ୍କ ସେବା ପାଇଁ ପ୍ରସ୍ତୁତ ହେଉଛନ୍ତି।

**୧୩. ତୁମ ଗାଁରେ ଚାଷୀଟିଏ ଯେଉଁସବୁ ଫସଲ କରେ, ତାକୁ ବୁଝି ତାଲିକା କର।**

| | | |
|---|---|---|
| ବୁଟ | ଚିନାବାଦାମ | ହରଡ଼ |
| ବିରି | ମୁଗ | ଚଣା |
| କୋଳଥ | ଧାନ | ମାଣ୍ଡିଆ |
| ସୋରିଷ | | |

**୧୪. 'କ' ସ୍ତମ୍ଭରେ କେତୋଟି କାମ ବିଷୟରେ କୁହାଯାଇଛି। 'ଖ' ସ୍ତମ୍ଭରେ ଦିଆଯାଇଥିବା କାମର ନାମ ସହିତ ତାହାକୁ ଗାର ଟାଣି ଯୋଡ଼।**

| 'କ' | 'ଖ' |
|---|---|
| ଲୁଗାପଟା ସଫା କରି ଇସ୍ତ୍ରୀ କରିବା | ମିଠା ତିଆରି କାମ |
| ବାଲି ସିମେଣ୍ଟରେ ଇଟା ଓ ପଥରକୁ ଯୋଡ଼ି ଘର ତିଆରି କରିବା | ଲୁଗା ସଫା କରିବା କାମ |
| ରସଗୋଲା, ଲଡ଼ୁ, ଜିଲାପି, ଗଜା ଆଦି ମିଠା ଜିନିଷ ତିଆରି କରି ବିକ୍ରି କରିବା | ରାଜମିସ୍ତ୍ରି କାମ |
| ଲୋକମାନଙ୍କଠାରୁ ମାପ ନେଇ ଜାମା, ପ୍ୟାଣ୍ଟ ଆଦି ସିଲାଇ କରିବା। | ରୋଗୀ ସେବା କାମ |
| ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବା | ସାଇକେଲ୍ ମରାମତି କାମ |
| ଦେହ ଖରାପ ସମୟରେ ରୋଗୀ ମାନଙ୍କର ପରୀକ୍ଷା କରି ଔଷଧ ଦେବା | ଦରଜି କାମ |
| ଲୋକମାନଙ୍କର ସାଇକେଲ ଖରାପ ହେଲେ ମରାମତି କରିବା | ପାଠ ପଢ଼ାଇବା କାମ |

♦♦♦

ODM EDUCATIONAL GROUP Changing your Tomorrow